بِسۡمِ اللّٰہِ الرَّحۡمٰنِ الرَّحِیۡمِ

୬ ଜୁନ୍ ୨୦୨୫ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ – ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

# ବିରୋଧୀମାନଙ୍କ ଆପତ୍ତିର ଉତ୍ତର ଦେବାରେ ସୋଶିୟାଲ୍ ମିଡ଼ିଆର ସଦୁପଯୋଗ କରିବା ପରିପ୍ରେକ୍ଷୀରେ ମହାମହିମ ହୁଜୁର ଅନଓ୍ୱର [ଅ.ବ]ଙ୍କର ବହୁମୂଲ୍ୟ ଉପଦେଶ ।

ଅଶ୍‌ହଦୁ ଅଲ୍ଲା ଇଲାହା ଇଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଊଜୁବିଲ୍ଲା ହିମିନଶ୍ ଶୈତା ନିରରଜିମ୍ । ବିସ୍‌ମିଲ୍ଲା ହିରରହେମା ନିରରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅରରହମା ନିରରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଊଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଆଜିକାଲି ଯେଉଁସ୍ଥଳେ ସୋଶିୟାଲ୍ ମିଡ଼ିଆର ଅନେକ ଉପକାରୀତା ରହିଛି ଏବଂ ସେଥିରୁ ଆମେମାନେ ଉପକୃତ ହେଉଅଛେ । ସେହିସ୍ଥଳେ କେତେକ ଏପରି ଘଟଣା ମଧ୍ୟ ଘଟିଥାଏ, ଯାହାକି କଷ୍ଟପ୍ରଦ ହୋଇଥାଏ ଏବଂ ସେଥିରୁ ଉପକୃତ ହୋଇ ଜମାଅତର ବିରୋଧୀମାନେ ଜମାଅତ ବିରୁଦ୍ଧରେ ଅତ୍ୟନ୍ତ ଅଶ୍ଳୀଳ କଥା କହିଥାନ୍ତି । ଆଉ ହଜରତ ମସିହ ମଉଦ [ଅ.ସ]ଙ୍କ ବିରୁଦ୍ଧରେ ସେମାନେ ମିଥ୍ୟା ଓ ଅସଭ୍ୟ ବଚନ କହିଥାନ୍ତି, ଯଦ୍ଦ୍ୱାରା ଅହେମଦିମାନଙ୍କ ହୃଦୟ ଖଣ୍ଡ ଖଣ୍ଡ ହୋଇଥାଏ । ଆଉ ଯାହାର ପ୍ରତିକ୍ରିୟାରେ କେତେକ ଅହେମଦି ତାହାର ଉତ୍ତର ମଧ୍ୟ ଅନୁଚିତ୍ ଶୈଳୀରେ ଦେଇ ଦିଅନ୍ତି । ଯଦିଚ ସେମାନଙ୍କ ଉଦ୍ଦେଶ୍ୟ ପବିତ୍ର ହୋଇଥାଏ ତଥାପି ସେମାନଙ୍କ ମୁଖରୁ କିଛି ଏପରି ଉକ୍ତି ଓ ଶବ୍ଦ ବାହାରି ଯାଇଥାଏ, ଯାହାର ଭୁଲ୍ ଅର୍ଥ ପ୍ରକାଶ କରାଯାଇଥାଏ । ଏହା ଆମର ପରମ୍ପରା ନୁହେଁ, ତେଣୁ ଏଥିରୁ ଜଣେ ଅହେମଦିକୁ ନିବୃତ୍ତ ରହିବା ଉଚିତ୍ । ଆମର କର୍ତ୍ତବ୍ୟ ଏହା ନୁହେଁ, ଯେ ଅସଭ୍ୟ ବଚନ ବ୍ୟବହାର କରିବା ଅଥବା ତାହାକୁ ଏପରି ଢଙ୍ଗରେ ଉତ୍ତର ଦେବା ଯଦ୍ଦ୍ୱାରା ଅଜାଣତରେ ଆମ ମୁଖରୁ ଏପରି ଉକ୍ତି ନିସୃତ ହୋଇଯିବ ଯାହାକି ଅନ୍ୟର ଅସମ୍ମାନର ଓ ତିରସ୍କାରର କାରଣ ସାବ୍ୟସ୍ତ ହେବ ଏବଂ ଏଥିରୁ ଉପକୃତ ହୋଇ ବିରୋଧୀମାନେ କହିଥାନ୍ତି ଯେ, ଆମେମାନେ ନଉଜୁବିଲ୍ଲାଃ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ [ସ.ଅ]ଙ୍କ ତିରସ୍କାର ଅଥବା ସାହାବାଙ୍କର ଅପମାନ ଓ ଅନାଦର କରିଥାଉ । ଯେତେବେଳେ କି ଆମ ହୃଦୟରେ ପୁଣ୍ୟଶ୍ଳୋକ ହଜରତ ମୁହମ୍ମଦ[ସ.ଅ] ଓ ସାହାବାଙ୍କର ଯେଉଁ ସ୍ଥାନ ତଥା ପଦମର୍ଯ୍ୟାଦା ରହିଛି, ତାହାର ତ ଶତସହସ୍ରାଂଶର ମଧ୍ୟ ସେମାନଙ୍କୁ ଜ୍ଞାନ ନାହିଁ । ଆମର ସର୍ବସ୍ୱ ତ ନବୀଶ୍ରେଷ୍ଠଙ୍କ ସକାଶେ ଉତ୍ସର୍ଗୀତ । ଆପଣ ସର୍ବଶ୍ରେଷ୍ଠ ନବୀ, ଅଲ୍ଲାଃତାଲାଙ୍କ ଅତିପ୍ରିୟ ଓ ସାଥୀ । ସାହାବାଙ୍କ ସଂକ୍ରାନ୍ତରେ ତ ହଜରତ ମସିହ ମଉଦ[ଅ.ସ] ଅଗଣିତ ସ୍ଥାନରେ ଏହି ଉକ୍ତି ଓ ବାଣୀ ବର୍ଣ୍ଣନା କରିଛନ୍ତି, ଯାହାକି ସେମାନଙ୍କ ଚିନ୍ତାଧାରା ଠାରୁ ବହୁ ଊର୍ଦ୍ଧ୍ୱରେ । ଯାହାକି ସେହି ବିରୋଧୀମାନେ (ଆମ ଉପରେ ଲାଂଛନା) ଲଗାଇଉଛନ୍ତି ।

ସୁତରାଂ ଆମ ହୃଦୟରେ କେବଳ ନବୀଶ୍ରେଷ୍ଠଙ୍କ ପଦମର୍ଯ୍ୟାଦା ପ୍ରତିଷ୍ଠିତ ନାହିଁ, ବରଂ ତାହାର ଯେଉଁ ସ୍ତର ରହିଛି ସେପର୍ଯ୍ୟନ୍ତ ତ କେହି ହେଲେ ମଧ୍ୟ ପହଞ୍ଚି ପାରିବେ ନାହିଁ । ତା'ଠାରୁ ବଳି ହୁଜୁର [ସ.ଅ]ଙ୍କର ଅନୁଚରମାନଙ୍କର ଯେଉଁ ଉଚ୍ଚାସନ ଆମମାନଙ୍କ ହୃଦୟରେ ବିଦ୍ୟମାନ ତାହାର ତ କାଣିଚାଏ ମଧ୍ୟ ଆମ ବିରୋଧୀମାନେ ପରିକଳ୍ପନା କରିପାରିବେ ନାହିଁ । ଏକଥା ପ୍ରତ୍ୟେକ ଅହେମଦିକୁ ନିଜ ସମ୍ମୁଖରେ ରଖିବା

ଉଚିତ୍ । ଆଉ ଏପରି କଥା କହିବାରୁ ବିରତ ରହିବା ଉଚିତ୍ । ଯେଉଁଥିରୁ ଭ୍ରମ ଧାରଣା ଉତ୍ପନ୍ନ ହେବ ଅଥବା ନକରାତ୍ମକ ପ୍ରଭାବ ପଡିବାର ଆଶଙ୍କା ଜାତ ହେବ । କେତେକ ଅହେମଦି ମଣୁଛନ୍ତି ଯେ, ଆମେମାନେ ସେ (ବିରୋଧୀ)ମାନଙ୍କୁ ଉତ୍ତର ଦେଇ ବେଶ ସ୍ୱାଭିମାନର ପରିପ୍ରକାଶ କରିଅଛୁ । ଯେତେବେଳେ ସେମାନଙ୍କୁ ପଚରାଯାଏ ସେତେବେଳେ ତାଙ୍କର ଉତ୍ତର ଏହା ହିଁ ହୋଇଥାଏ କିନ୍ତୁ ବାସ୍ତବରେ ଏହା ସେମାନଙ୍କର ସ୍ୱାଭିମାନ ନୁହେଁ, ବରଂ ମୂର୍ଖତା । ଆଉ ଯଦି କେହି ଅହେମଦି ହୋଇ ଏପରି କଥା କୁହେ ଯେଉଁଥିରୁ କୌଣସି ପ୍ରକାରର ଭୁଲ ଅର୍ଥ ବାହାରିଥାଏ ତେବେ ସେ ହଜରତ ମସିହ ମଉଦ[ଅ.ସ] ଓ ଜମାଅତକୁ ବଦନାମ କରିଥାଏ । **ହଜରତ ମସିହ ମଉଦ[ଅ.ସ] କୁହନ୍ତି, ଦେଖ ! ତୁମେମାନେ ଧୈର୍ଯ୍ୟ ରକ୍ଷା କର ଏବଂ ସର୍ବଦା ଧୈର୍ଯ୍ୟ ପ୍ରଦର୍ଶନ କରିଚାଲ ।** ଆଉ ଏକ ସ୍ଥାନରେ ହୁଜୁର[ଅ.ସ] କହିଲେ; ସେମାନେ ତୁମକୁ ଗାଳିଗୁଲଜ କରୁଛନ୍ତି କିନ୍ତୁ ମୁଁ ସେମାନଙ୍କ ଗାଳିଗୁଲଜର ପରୁଆ କରୁ ନାହିଁ । ଆଉ ନା ସେମାନଙ୍କ ଉପରେ ମନସ୍ତାପ କରୁଅଛି । କାରଣ ସେମାନେ ଆମ (ଅବତାର ହେବାରେ) ଅତିଷ୍ଠ ହୋଇଯାଇଛନ୍ତି ଏବଂ ନିଜ ବିନମ୍ରତା ଓ ଶିଷ୍ଟାଚାରକୁ ଗାଳିଗୁଲଜ କରିବା ବ୍ୟତୀତ ଗୋପନ ରଖିପାରିବେ ନାହିଁ । ଏହି ଅଭଦ୍ର ଓ ଅସଭ୍ୟ ପଣିଆ ଏଥିସକାଶେ ଯେ, ସେମାନଙ୍କ ନିକଟରେ ଏହାର କୌଣସି ଦଲିଲ୍ ନାହିଁ, ନା କୌଣସି ଉତ୍ତର ଅଛି । ତେଣୁକରି ସେମାନେ ଖାଲି ଗାଳିଗୁଲଜ କରୁଛନ୍ତି । ହୁଜୁର[ଅ.ସ] ଅଧିକନ୍ତୁ କୁହନ୍ତି; ଆମ ଉପରେ ଅମାନ୍ୟକାରୀର ଫତ୍ୱା (ଧର୍ମାଦେଶ) ଲଗାଇଲେ, ମିଥ୍ୟା ମକଦ୍ଦମା କଲେ ଏବଂ କିସମ କିସମର ମିଥ୍ୟାରୋପ ଓ ଲାଂଛନା ଲଗାଇଲେ । ସେମାନେ ନିଜର ସକଳ ସାମର୍ଥ୍ୟ ବିନିଯୋଗ କରି ମୋର ମୁକାବିଲା କରିନେଲେ । କିନ୍ତୁ ଦେଖ ଶେଷରେ କାହା ସପକ୍ଷରେ (ଅଲ୍ଲାଃ) ନିଷ୍ପତ୍ତି କଲେ । ଯେଭଳି ଚେଷ୍ଟା କରିବାର ଅଛି ତୁମେମାନେ କରି ଦେଖିନିଅ କିନ୍ତୁ ଅଲ୍ଲାଃତାଲା ସର୍ବଦା ଆମ ସହିତ ଅଛନ୍ତି, ଶେଷ ନିଷ୍ପତ୍ତି ପ୍ରତିୟମାନ ହୋଇଯିବ ଯେ, କାହା ସପକ୍ଷରେ ଅଛନ୍ତି । ହୁଜୁର[ଅ.ସ] କହିଲେ; ଯଦି ମୁଁ ସେମାନଙ୍କ ଗାଳିଗୁଲଜକୁ ପରୁଆ କରେ ତେବେ ଅସଲ କାର୍ଯ୍ୟ ଯାହାକି ସର୍ବଶକ୍ତିମାନ ଅଲ୍ଲାଃ ମୋ ଉପରେ ନ୍ୟସ୍ତ କରିଛନ୍ତି, ତାହା (ବାକି) ରହିଯିବ । ତେଣୁକରି ଯେଉଁସ୍ଥଳେ ମୁଁ ସେମାନଙ୍କ ଗାଳିଗୁଲଜର ପରୁଆ କରୁ ନାହିଁ, ସେହିସ୍ଥଳେ ନିଜ ଜମାଅତକୁ ଉପଦେଶ ଦେଉଅଛି ଯେ, ସେମାନେ ମଧ୍ୟ ଏପରି (ଦୁରାଚାରୀ)ମାନଙ୍କ ଅଭଦ୍ର ଓ ଅସଭ୍ୟ ଆଚରଣକୁ ସହ୍ୟ କରିନିଅନ୍ତୁ ଏବଂ କଦାପି ଗାଳିର ଉତ୍ତର ଗାଳି ଦ୍ୱାରା ଦିଅନ୍ତୁ ନାହିଁ । କାରଣ ଏପରି ବରକତ୍ (ଆଶିଷ ଓ କଲ୍ୟାଣ) ଅପସରି ଯାଇଥାଏ । ସେମାନେ ଧୈର୍ଯ୍ୟ ଓ ବରଦାସ୍ତ କରିବାର ନମୁନା ପ୍ରଦର୍ଶନ କରନ୍ତୁ ଏବଂ ନିଜ ଉତ୍ତମ ଆଚରଣ ଓ ଆଦର୍ଶ ଦେଖାନ୍ତୁ । **ନିଶ୍ଚିତ ଭାବରେ ମନେରଖନ୍ତୁ ଯେ, ବୁଦ୍ଧି ଓ ଉଗ୍ରାଚରଣ ମଧ୍ୟରେ ଭୀଷଣ ଶତ୍ରୁତା ରହିଛି ।** ଯେତେବେଳେ ମନୁଷ୍ୟ କ୍ରୋଧିତ ଓ ଉଗ୍ର ହୋଇ ଉଠେ ସେତେବେଳେ ତାହାର ବୁଦ୍ଧି ବଣା ହୋଇଯାଏ ଅର୍ଥାତ୍ ସେ ବୁଦ୍ଧିହରା ହୋଇଯାଏ । କିନ୍ତୁ ଯେ ଧୈର୍ଯ୍ୟ ରକ୍ଷା କରେ ଏବଂ ସହନଶୀଳତା ପ୍ରଦର୍ଶନ କରେ ତାହାକୁ ଏକ ନୁର୍ (ପ୍ରକାଶ) ପ୍ରଦାନ କରାଯାଇଥାଏ । ଯଦ୍ୱାରା ତାହାର ବୁଦ୍ଧି ଓ ଚେତନା ଶକ୍ତିରେ ନୂତନ ପ୍ରକାଶ ଉତ୍ପନ୍ନ ହୋଇଯାଏ ଏବଂ ସେହି ପ୍ରକାଶରୁ ଅତିରିକ୍ତ ପ୍ରକାଶ ଜାତ ହୋଇଥାଏ । **କ୍ରୋଧ ଓ ଉଗ୍ରାବସ୍ଥାରେ ଯେହେତୁ ମନୁଷ୍ୟର ମନମସ୍ତିଷ୍କରେ ଅନ୍ଧକାର ପରିବ୍ୟାପ୍ତ ହୋଇଯାଏ, ତେଣୁକରି ଅନ୍ଧାରରୁ ଅନ୍ଧକାର ହିଁ ନିଜର ପସରା ମେଲାଇ ଥାଏ ।**

ସୁତରାଂ ଏହା ସେହି ଶିକ୍ଷା ଯାହାକୁ ଆମେ ସର୍ବଦା ସ୍ମରଣ ରଖିବା ଉଚିତ୍ ଏବଂ ସେହି ଲୋକମାନେ ଯେ ନିଜକୁ ପଣ୍ଡିତ ବୋଲାଉଛନ୍ତି, ଆଉ ସୋଶିୟାଲ୍ ମିଡ଼ିଆରେ ଉତ୍ତର ଦେବା ଆରମ୍ଭ କରିଦେଇଥାନ୍ତି

ଅର୍ଥାତ୍ ଅଣଅହେମଦି ଧର୍ମଗୁରୁମାନଙ୍କ ଆପତ୍ତି ଓ ଅଭିଯୋଗର ଉତ୍ତର ଦେବା ଆରମ୍ଭ କରିଦେଇଥାନ୍ତି । ତେବେ ସେମାନଙ୍କୁ ଏପରି କାର୍ଯ୍ୟରୁ ବିରତ ରହିବା ଉଚିତ୍ । ଯଦି ଉତ୍ତର ଅନ୍ୱେଷଣ କରିବାର ଅଛି ତେବେ ଆମ ମୁରବୀ ଓ ଆମ ଶିକ୍ଷା ତଥା ପତ୍ରପତ୍ରିକାର ଗଭୀର ଜ୍ଞାନ ରଖୁଥିବା ବିଦ୍ୱାନମାନଙ୍କୁ ପଚାରିବା ଉଚିତ୍ । ଯାହାର ଉତ୍ତର ଏପରି ତଥ୍ୟଭିତ୍ତିକ ଓ ବଳିଷ୍ଠ ହୋଇଥିବ ଏବଂ ସେହି ପ୍ରମାଣଭିତ୍ତିକ ତଥ୍ୟ ଦ୍ୱାରା ଯାହାକି ଶତ୍ରୁର ଆପତ୍ତିଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ରଦ୍ଦ କରିଦେବ ।

ହଜରତ ମସିହ ମଉଦ ଅ.ସ.ଙ୍କର ଯେଉଁ ଶିକ୍ଷା ରହିଛି, ଯାହାକି ଅସଲରେ ବାସ୍ତବିକ ଇସଲାମୀୟ ଶିକ୍ଷା । ତାହାର ପାଳନ କରନ୍ତୁ, ନଚେତ୍ ଆପଣମାନେ ଜମାଅତରେ ରହି ତାହାକୁ ବଦନାମ କରିବାର ମାଧ୍ୟମ ସାଜିବେ । ଅଲ୍ଲାଃତାଲା ଆମମାନଙ୍କୁ ଦୁଷ୍ଟ ଓ ଦୁରାଚାରୀମାନଙ୍କ କବଳରୁ ରକ୍ଷା କରନ୍ତୁ । ଆଉ ସେମାନଙ୍କୁ ମଧ୍ୟ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ ଯେ ମିଥ୍ୟା ସ୍ୱାଭିମାନ ପ୍ରଦର୍ଶନ କରୁଛନ୍ତି ଏବଂ କେତେକ ସମୟରେ ଅଯଥାରେ ଏପରି ଶବ୍ଦ ପ୍ରୟୋଗ କରି ବିଶୃଙ୍ଖଳା ସୃଷ୍ଟି କରିବାର କାରଣ ସାଜୁଛନ୍ତି । ଯଦି ଆମେ ସୋଶିୟାଲ୍ ମିଡ଼ିଆରେ ଏପରି ଉତ୍ତର ଦେବା ପରିବର୍ତ୍ତେ ଅଲ୍ଲାଃଙ୍କ ସମକ୍ଷ୍ୟ ନତମସ୍ତକ ହେବା ଏବଂ ନିଜ ଉପାସନାକୁ ସୁଚାରୁ ରୂପେ ସମ୍ପାଦନ କରିବା, ନିଜ ସଜ୍‌ଦାରେ ଦରଦ ଓ କୋହ ଉତ୍ପନ୍ନ କରିବା ଯଦ୍ୱାରା ଅଲ୍ଲାଃଙ୍କର ଆମମାନଙ୍କ ପ୍ରତି ଧ୍ୟାନ କେନ୍ଦ୍ରିତ ହେବ ତେବେ ଆମେ ଖୁବ୍ ଶୀଘ୍ର ତାହାର ଉତ୍ତମ ପରିଣାମ ଲାଭ କରିପାରିବା । ଯାହାକି ଏମାନେ ନିଜ ଉତ୍ତର ଦେଇ ହାସଲ କରିବାର ଆଶା ବାନ୍ଧି ବସିଛନ୍ତି । ତେଣୁକରି ପ୍ରତ୍ୟେକ ଅହେମଦିଙ୍କୁ ଏଥିରୁ ନିବୃତ୍ତ ରହିବା ଉଚିତ୍ ଯେ କଦାପି ଏପରି କଥା କୁହନ୍ତୁ ନାହିଁ, ଯାହାକି ଶତ୍ରୁକୁ ସୁଯୋଗ ଦେବ ଯେ ଅମକ ଅହେମଦି ଏପରି କହିଲେ କି ସେପରି କହିଲେ । ଆମ ଆଚାର ବ୍ୟବହାର ଅତି ଉର୍ଦ୍ଧ୍ୱରେ ପ୍ରତିଷ୍ଠିତ ହେବା ଉଚିତ୍ ଏବଂ ଯାହାର ଆଚରଣ ଓ ଚରିତ୍ର ସୁନ୍ଦର ନାହିଁ, ତେବେ ସେ ହଜରତ ମସିହ ମଉଦ ଅ.ସ.ଙ୍କର ବୈଅତ୍‌ର କର୍ତ୍ତବ୍ୟ ସମ୍ପାଦନ କଲା ନାହିଁ । ସୁତରାଂ ଆମମାନଙ୍କୁ ନିଜର ନିରୀକ୍ଷଣ ଓ ଆତ୍ମ ସମୀକ୍ଷା କରିବା ଉଚିତ୍ । ପ୍ରତ୍ୟେକ ନିଜ ନିଜର ଆତ୍ମ ସମୀକ୍ଷା କରନ୍ତୁ ଓ ଚିନ୍ତା କରନ୍ତୁ ଏବଂ ଭୁଲ୍ କିସମର ଉତ୍ତର ଦେବା ପରିବର୍ତ୍ତେ ଦୁଆ କରିବା ପ୍ରତି ଧ୍ୟାନ ଦିଅନ୍ତୁ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏହାର ଶକ୍ତି ପ୍ରଦାନ କରନ୍ତୁ ଏବଂ ବିରୋଧୀମାନଙ୍କ ପ୍ରତ୍ୟେକ ମନ୍ଦ ଯୋଜନା ସେହିମାନଙ୍କ ନିକଟକୁ ଫେରାଇ ଦିଅନ୍ତୁ । ଆଉ ତାହାର କୁପ୍ରଭାବରୁ ଆମମାନଙ୍କୁ ରକ୍ଷା କରନ୍ତୁ । ଆମିନ୍ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଈଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଈଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମ୍‌କୁମୁଲ୍ଲାହ ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

*** *** *** *** ***

Khulasa Khutba Juma Huzoor Anwar a.b.a

6th June 2025

*Translated to Odia by :* Moulavi Anwar Ahmad Khan